# Akashvani, Sambalpur

## SAMBALPURI NEWS EVENING BULLETIN

**30 November 2024- 7.02 pm- 7.12 pm.**

*********************************************

୧- ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍‌ଙ୍କର୍ ସମ୍ମିଳନୀ ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉପସ୍ଥିତିଥି ଦେଶର୍ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବାବ୍‌ଦେ ହେଲା ଆଲୋଚନା ।

୨- ଓଡ଼ିଶାକେ ୨୦୨୬ ମସିହା ମାର୍ଚ୍ଚ ଶେଷ୍‌ତକ୍ ନକ୍ସଲ୍ ମୁକ୍ତ କରାଯିବା - କହେଲେ ବିଏସ୍‌ଏଫ୍ ଆଇଜି ।

୩- ମେଟ୍ରୋ ରେଲ୍ ପ୍ରକଳ୍ପର୍ ପହେଲା ଖେପ୍ କାମ୍ ଆଏବା ୨୦୨୭ ମସିହାତକ୍ ଶେଷ୍ ହେବାର୍ ବାବ୍‌ଦେ ସୂଚ୍‌ନା ଦେଲେ ଭୁବ୍‌ନେଶ୍ୱର୍ ସାଂସଦ୍ ।

ଆଉର୍

୪- ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ୍- ଉତ୍ସାହ ହେଲା ଉଦ୍‌ଯାପିତ୍ ।

ଡିଜିପି ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ ନ ଚାଲିଥିବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକକଙ୍କର୍ ସମ୍ମିଳନୀର୍ ୨ ନମ୍ବର୍ ଦିନେ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇଛନ୍ । ସମ୍ମିଳନୀଥି ଆଏଜ୍ ଦେଶର୍ ଆଭ୍ୟନ୍ତରିଣ ସୁରକ୍ଷା, ଆଇନ୍ ଶୃଙ୍ଖଲା ପରିସ୍ଥିତି ବାବ୍‌ଦେ ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସେମାନ୍‌କର୍ ମତ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉପସ୍ଥିତିଥି ବୈଠକ୍‌ଥି ଦେଇଛନ୍ । ଆତଙ୍କବାଦ୍ ଆଉ ବାମପନ୍ଥୀ ଉଗ୍ରବାଦ୍‌ର ମୁକାବିଲା, ସାଇବର୍ ସୁରକ୍ଷା, ବେଆଇନ୍ ଅନୁପ୍ରବେଶ୍, ଶରଣାର୍ଥୀ ସମସ୍ୟାର୍ ସମାଧାନ୍, ନିଶାକାର୍‌ବାର୍ ରୁକ୍‌ବାର୍, ମହିଳାମାନ୍‌କର୍ ବିରୋଧ୍ ନ ହିଂସା, ନୂଆଁ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗଥି ବୈଠକ୍‌ଥି ଟିକିନିଖି ଆଲୋଚନା  ଚାଲିଛେ । ପରିବର୍ତ୍ତିତ୍ ପରିସ୍ଥିତିକେ ନଜର୍‌ଥି ରଖିକରି ସମସ୍ୟାର୍ ମୁକାବିଲା ଦିଗେ ଭବିଷ୍ୟତ୍ କାର୍ଯ୍ୟପନ୍ଥା ବାବ୍‌ଦେ ବିସ୍ତୃତ ଚିଠା ତିଆର୍ ହେବାର୍ ସମ୍ଭାବନା ରହିଛେ । ଇ ବୈଠକ୍‌ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ପ୍ରମୁଖ ଯୋଗ୍ ଦେଇଛନ୍ । ଇ ୩ ଦିନିଆ ସମ୍ମିଳନୀ ଆଏବା କାଏଲ୍ ଉଦ୍‌ଯାପିତ୍ ହେବା । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗଲାକାଏଲ୍ ଇ ସମ୍ମିଳନୀକେ ଉଦ୍‌ଘାଟନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଇ ସମ୍ମିଳନୀ ଆଉ ଅଲ୍‌ଗା

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ ।

ବିଏସ୍‌ଏଫ୍- ମାଓ        ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାକେ ୨୦୨୬ ମସିହା ମାର୍ଚ୍ଚ ମାସ୍‌ତକ୍ ନକ୍ସଲ୍ ମୁକ୍ତ କର୍‌ବାର୍‌କେ ପ୍ରୟାସ୍ ଜାରି ରହିଛେ ବଲି ବିଏସ୍‌ଏଫ୍ ଆଇ.ଜି. ଚାରୁଧ୍ୱଜ ଅଗ୍ରୱାଲ୍ କହିଛନ୍ । ବିଏସ୍‌ଏଫ୍‌ର ବାର୍ଷିକ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଅଗ୍ରୱାଲ୍ କହିଛନ୍ ଯେ, ଦେଶର୍ ୩୮ ଟା ଜିଲ୍ଲାଥି ମାଓବାଦୀ ସକ୍ରିୟ ଅଛନ୍ । ସେଥିର୍ ଭିତ୍‌ରୁ ଓଡ଼ିଶାର୍ ୭ ଟା ଜିଲ୍ଲା ନ ମାଓବାଦୀମାନ୍‌କର୍ କାର୍ଯ୍ୟକଲାପ ଜାରି ରହିଛେ । ଓଡ଼ିଶା ନ ବହୁତ୍ କମ୍ ନକ୍ସଲ୍ ଥିବାର୍ ବେଲେ ଖାସ୍ କରି ଛତିଶ୍‌ଗଡ୍ ଆର୍ ଆନ୍ଧ୍ର କେଡ଼ରର ମାଓବାଦୀ ସକ୍ରିୟ ରହିଛନ୍ । ବିଏସ୍‌ଏଫ୍ ଆଇଜି କହିଛନ୍ ଯେ, ଇ ବଛର୍ ଓଡ଼ିଶା ନ ୨୪ ନୁ ଅଏତ୍‌କା ମାଓବାଦୀ ଆତ୍ମସମର୍ପଣ୍ କରିଛନ୍ । ବିଏସ୍‌ଏଫ୍ ତର୍‌ଫୁ ନକ୍ସଲ୍ ବିରୋଧୀ ଅଭିଯାନ୍ ଜାରି ରହେବା । ଇଥିର୍‌ଲାଗି ପୁଲିସ୍ ଆଉ ଗୁଇନ୍ଦା ବିଭାଗ୍ ସାଙ୍ଗେ ସମନ୍ୱୟ ରଖିକରି କାମ୍ କରାଯିବା । ମାଓବାଦୀ ଗତିବିଧି ଉପ୍‌ରେ ନଜର୍ ରଖିବାର୍ ଲାଗି ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍ ଥିବା ଡ୍ରୋନ୍ ଆର୍ ସେଟ୍‌ଲାଇଟ୍ ସର୍ଭିଲେନ୍ସ ବେଭାର୍ କରାଯାଉଛେ ବଲି ଶ୍ରୀ ଅଗ୍ରୱାଲ୍ କହିଛନ୍ ।

ଆୟୁଷ୍ମାନ୍ ଭାରତ         ଆର୍ଏନ୍ୟୁ/ କଟକ୍

ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଅଧୀନ୍‌ଥି ଗଲା ୨୫ ତାରିଖ୍‌ତକ୍ ୭୦ ବଛର୍‌ନୁ ଅଏତ୍‌କା ବରିଷ୍ଠ ନାଗରିକ୍‌ମାନ୍‌କର୍ ଲାଗି ପାଖାପାଖି ୧୪ ଲାଖ୍ ଆୟୁଷ୍ମାନ୍ ବୟୋ ବନ୍ଦନ୍ କାର୍ଡ୍ ଜାରି କରାଯାଇଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ କହିଛନ୍ । ଲୋକ୍‌ସଭାଥି ଗଲାକାଏଲ୍ ଗୁଟେ ପ୍ରଶ୍ନର୍ ଲିଖିତ ଉତର୍ ଦେଇକରି ସେ କହିଛନ୍ ଯେ, ସାମାଜିକ୍ ଆଉ ଅର୍ଥନୈତିକ୍ ସ୍ଥିତି ନିର୍ବିଶେଷ୍‌ଥି ୭୦ ବଛର୍‌ନୁ ଅଏତ୍‌କା ବୟସ୍କ ନାଗରିକ୍‌ମାନ୍‌କୁ ଇ ଯୋଜ୍‌ନା ଅଧୀନ୍‌ଥି ୫ ଲାଖ୍ ଟଙ୍କାତକ୍ ମାହାଲିଆ ଚିକିତ୍ସା ସୁବିଧା ଦିଆଯିବାର୍ ବ୍ୟବସ୍ଥା ରହିଛେ । ଇଥି ପାଖାପଖି ୬ କୋଟି ବୟସ୍କ ନାଗରିକ୍ ସାମିଲ୍ ହେବେ । ଇ ଯୋଜ୍‌ନାଥି ୧୩ ହଜାର୍ ଶହେ ୭୩ ଟା ଘରୋଇ ଡାକ୍ତର୍‌ଖାନାକେ ମିଶେଇକରି ୨୯ ହଜାର୍ ୮ ଶହ ୭୦ ଟା ହସ୍ପିଟାଲ୍‌କେ ସାମିଲ୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ମଧ୍ୟାହ୍ନ ଭୋଜନ୍ ଖର୍ଚ୍ଚ ବୃଦ୍ଧି          ଆର୍ଏନ୍ୟୁ/ କଟକ୍

ବିଦ୍ୟାଳୟମାନ୍‌କେ ଚାଲିଥିବା ମଧ୍ୟାହ୍ନ ଭୋଜନ୍ ଯୋଜ୍‌ନାର୍ ଖର୍ଚ୍ଚକେ ରାଜ୍ୟ ସର୍‌କାର୍ ବଢ଼େଇଛନ୍ । ମିଳିଥିବା ସୂଚ୍‌ନା ଅନ୍‌ସାରେ ପ୍ରଥମ୍ ଶ୍ରେଣୀନୁ ପଂଚମ୍ ଶ୍ରେଣୀର୍ ପିଲାଙ୍କର୍ ଲାଗି ଫି ପିଲା ପିଛା ୭ ଟଙ୍କା ୬୪ ପଏସା ଖର୍ଚ୍ଚା କରାଯିବା । ଆଘୋନୁ ଇ ବର୍ଗର୍ ପିଲାଙ୍କର୍ ଲାଗି ମଧ୍ୟାହ୍ନ ଭୋଜନ ଖର୍ଚ୍ଚା ୫ ଟଙ୍କା ୯୦ ପଏସା ଥିଲା । ସେନ୍ତା ୬ ନୁ ୮ କ୍ଲାସ୍‌ର ଛାତ୍ରଛାତ୍ରୀଙ୍କର୍ ଲାଗି ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଏସାକେ ବଢ଼ାଯାଇଛେ । ଆଘୋନୁ ଇ ବର୍ଗର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସର୍‌କାର୍ ଫି ପିଲା ପିଛା ୮ ଟଙ୍କା ୮୨ ପଏସା ମଧ୍ୟାହ୍ନ ଭୋଜନ୍ ବାବ୍‌ଦେ ଖର୍ଚ୍ଚା କରୁଥିଲେ । ଆଏବା କାଏଲ୍‌ନୁ ବଢ଼ିଥିବାର୍ ମଧ୍ୟାହ୍ନ ଭୋଜନ ଖର୍ଚ୍ଚା ରାଏଜେ ଲାଗୁ ହେବା ବଲି ଜନାପଡ଼ିଛେ ।

ଆଲୁ ପିଆଜ ଆମ୍‌ଦାନୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଖାଉଟି ମାନ୍‌କର୍ ଆଲୁ ଆର୍ ପିଆଜ୍ ଚାହିଦା ପୂରଣ୍ କର୍‌ବାର୍ ଲାଗି ୭ ଟା ରାଜ୍ୟନୁ ଆଲୁ ପିଆଜ୍ ଆମ୍‌ଦାନୀ କରୁଛନ୍ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ପଶ୍ଚିମବଙ୍ଗ୍, ଉତର୍‌ପ୍ରଦେଶ୍ ଆର୍ ପଞ୍ଜାବ୍‌ନୁ ରାଜ୍ୟକେ ଆଲୁ ଅନାଯାଉଛେ । ସେଆଡ଼େ ମହାରାଷ୍ଟ୍ର, କର୍ଣ୍ଣାଟକ୍, ଆନ୍ଧ୍ରପ୍ରଦେଶ୍ ଆର୍ ତେଲେଙ୍ଗାନା ନ ପିଆଜ୍

ଅନାଯାଉଛେ । ରାଏଜେ ଦର୍କାର୍ ପଡୁଥିବା ଆଲୁ ମହଜୁଦ୍ ରହିଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ସେ କହିଛନ୍ ଯେ, ଉତରପ୍ରଦେଶନୁ ଆଲୁ ଆସ୍‌ବାର୍‌ଟା ମୁଲ୍ ହେଇଛେ ଆଉ ରାଏଜେ ଆଲୁ ସଙ୍କଟ୍ ନାଇଁ ରହେ । ରାଜ୍ୟ ସର୍‌କାର୍ ପଞ୍ଜାବ୍ ସର୍‌କାର୍‌ଙ୍କର୍ ସାଙ୍ଗେ ଆଲୁ ଆମ୍‌ଦାନୀ ନେଇକରି ଯୋଗାଯୋଗ୍‌ଥି ଅଛନ୍ । ବଜାର୍‌ଥି ଆଲୁର୍ ଦାମ୍ ନାଇଁ ବଢ଼ି ବଲି ସେ କହିଛନ୍ । ଚଢ଼ାଦାମ୍‌ଥି ବିକ୍ରି କରୁଥିବା ବ୍ୟବସାୟୀଙ୍କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ ସତର୍କ କରେଇଦେଇଛନ୍ । ସେ କହିଛନ୍ ଯେ, ପଶ୍ଚିମବଙ୍ଗ୍ ଆଲୁ ଉପ୍‌ରେ ଓଡ଼ିଶାର୍ ନିର୍ଭରଶୀଳତା କମିଛେ । ଆଏବା ଦେଢ଼୍ ବରସ୍ ଭିତ୍‌ରେ ଓଡ଼ିଶା ଆଲୁ ଉତ୍ପାଦନ୍‌ଥି ସ୍ୱାବଲମ୍ବୀ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବିଜେପି ସାଂଗଠନିକ୍ କର୍ମଶାଳା ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର୍ ସାଂଗଠନିକ୍ କର୍ମଶାଳା ଆଏଜ୍ ଭୁବ୍‌ନେଶ୍ୱର୍ ନ ମୁଲ୍ ହେଇଛେ । ରାଜ୍ୟ ଶାଖା ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ଅଧ୍ୟକ୍ଷତାଥି ଚାଲିଥିବା ଇ କର୍ମଶାଳାଥି ସାଂଗଠନିକ୍ ନିର୍ବାଚନ୍ ଆଉ ଦଲୀୟ ସଦସ୍ୟତା ବାବ୍‌ଦେ ଟିକିନିଖି ଆଲୋଚନା ହେଉଛେ । ବୁଥ୍ ସ୍ତରନୁ ରାଜ୍ୟସ୍ତରତକ୍ ସାଂଗଠନିକ୍ ନିର୍ବାଚନ୍ ଲାଗି

କାର୍ଯ୍ୟସୂଚୀ ତିଆର୍ ଉପ୍‌ରେ ଭିଲ୍ ଇ ବୈଠକ୍‌ଥି ଆଲୋଚନା ଚାଲିଛେ । ବୈଠକ୍‌ଥି ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍, କେନ୍ଦ୍ରମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ଦଲର୍ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ୍ ଅଛନ୍ ।

ମେଟ୍ରୋ ପ୍ରକଳ୍ପ- ଭୁବ୍‌ନେଶ୍ୱର୍ ସାଂସଦ୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ମେଟ୍ରୋ ପ୍ରକଳ୍ପ ପହେଲା ଖେପ୍ କାମ୍ ଆଏବା ୨୦୨୭ ମସିହା ଡିସେମ୍ବର୍ ମାସ୍‌ତକ୍ ଶେଷ୍ ହେବା ବଲି ସାଂସଦ୍ ଅପରାଜିତା ଷଡ଼ଙ୍ଗୀ କହିଛନ୍ । ଆଏଜ୍ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାଳୟ ନ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର୍ ସମୀକ୍ଷା କର୍‌ବାର୍ ଉତ୍‌ରୁ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ ଯେ, ପହେଲା ଖେପେ ମୋଟ୍ ୨୦ ଟା ଷ୍ଟେସନ୍ ସହେତେ ୨୬ କିଲୋମିଟର୍ କାମ୍ ହେବା । ଇ ରୁଟ୍‌ଥି ମୋଟ୍ ୧୩ ଟା ଟ୍ରେନ୍ ଚାଲ୍‌ବା । ଫି ଟ୍ରେନ୍‌ଥି ୩ ଟା କରି କୋଚ୍ ରହେବା ବଲି ଜନାପଡ଼ିଛେ । ପ୍ରକଳ୍ପ ଲାଗି ଦର୍‌କାର୍ ପଡୁଥିବା ୯୨ ଏକଡ଼୍ ଜମି ମିଲିସାରିଛେ ଆଉ ୧୫ ଏକଡ଼୍ ଜମି ଖୋବ୍ ଜଲ୍‌ଦି ଯୁଗେଇ ଦିଆଯିବାର୍ ବ୍ୟବସ୍ଥା ହେଇଛେ ବଲି ସାଂସଦ୍ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ ।

ଉତ୍ସାହ କ୍ରୀଡ଼ା ପ୍ରତିଯୋଗିତା   ଆର୍‌ଏନ୍‌ୟୁ/ ସମ୍ବଲପୁର୍

ରାଜ୍ୟର୍ ଶିଶୁ ସୁରକ୍ଷା ସମିତି ତର୍ଫୁ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ଶିଶୁ କ୍ରୀଡ଼ା ପ୍ରତିଯୋଗିତା-ଉତ୍ସାହ ଉଦ୍ଯାପିତ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍ଥି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ର ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନ୍ଲେନ୍, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍ର ଓଡ଼ିଶା ମୁଖ୍ୟ ହିମାଂଶୁ ବଳ ଯୋଗ୍ ଦେଇକରି ରାଜ୍ୟସ୍ତରୀୟ କ୍ରୀଡ଼ା ବିଜେତାମାନ୍କୁ ପୁରସ୍କୃତ୍ କରିଥିଲେ । ଉତ୍ସବ୍ଥି ୩୦ ଟା ଜିଲ୍ଲାର୍ ୫ ଶହ ପ୍ରତିଯୋଗୀ ଶହେ ମିଟର୍ ଦୌଡ଼୍, ୨ ଶହ ମିଟର୍ ଦୌଡ଼୍, କେରମ୍, ଚେସ୍, ରିଲେରେସ୍, ଫୁଟ୍ବଲ୍, ଲଙ୍ଗଜମ୍ପ୍, ହାଇଜମ୍ପ୍ ବାଗିର୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ ବିଭାଗ୍ ଆର୍ଏନ୍ୟୁ/ କଟକ୍

ପ୍ରସ୍ତାବିତ ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ୍ ସଂଶୋଧନ୍ ଅଧିନିୟମ୍, ୨୦୨୪ ବାବ୍ଦେ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍ଫୁ ମତାମତ୍ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ଲୋକ୍ ଆଉ ଅନୁଷ୍ଠାନ୍ ଇଂଲିଶ୍ କି ଓଡ଼ିଶା ଭାଷାଥି ତାଙ୍କର୍ ମତାମତ ପଠାବାର୍କେ କୁହାଯାଇଛେ । ମତାମତ୍ର ୨ ଟା ନକଲ୍ କଟକ୍ ନ ଥିବା ମତ୍ସ୍ୟ ନିର୍ଦ୍ଦେଶାଳୟକେ ପୋଷ୍ଟ୍ଥି ପଠାବାର୍କେ କୁହାଯାଇଛେ । ସେଆଡ଼େ ଅନ୍ଲାଇନ୍

ଜରିଏ ମତାମତ୍ ପଠାବାର୍ ଲାଗି ଇ-ମେଲ୍ ଠିକ୍ନା director.odifish@gmail.com ଥି ପଠେଇପାର୍ବେ । ୧୦ ଦିନ୍ ଭିତ୍ରେ ମତାମତ ପଠାବାର୍କେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ବୌଦ୍ଧ

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ର ମିନିଷ୍ଟାଡ଼ିୟମ୍ ନ ୪ ନମ୍ବର୍ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ୍ ଉଦ୍ଘାଟିତ୍ ହେଇଛେ । ଇ ଅବ୍ସରେ ଗୁଟେ ସାଂସ୍କୃତିକ ଶୋଭାଯାତ୍ରା ସହର୍ ପରିକ୍ରମା କରିଛେ । ଇଥି ସ୍ଥାନୀୟ କଳାକାର୍ ଆଉ ଜିଲ୍ଲା ବାହାରର୍ କଳାକାର୍ମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ । ମହୋତ୍ସବ୍ ପଡ଼ିଆ ନ ଲୁକ୍କର୍ ଭିଡ଼୍ ଜମିଥିବାର୍ ବେଲେ ମୀନାବଜାର୍ ସହେତେ ଭିନ୍ ଭିନ୍ ବ୍ୟବସାୟିକ ଷ୍ଟଲ୍ ଖୁଲାଯାଇଛେ ।

ଲୋକକଳା ମହାକୁମ୍ଭ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଲାଲ୍ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ନ ଲୋକକଳା ମହାକୁମ୍ଭ ନୃତ୍ୟସଂଗମ୍

ଉଦ୍‌ଘାଟିତ୍ ହେଇଯାଇଛେ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ସର୍‌କାର୍ ଆଉ ପ୍ରତିଭା ଅନୁଷ୍ଠାନ୍ ମିଶିକରି କରିଥିବା ଇ କାର୍ଯ୍ୟକ୍ରମ୍‌କେ ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ ଦର୍‌ଓ୍ୱାନ୍ ଉଦ୍‌ଘାଟନ୍ କରିଥିଲେ । ଏନ୍ତା କାର୍ଯ୍ୟକ୍ରମ୍ ଲୁକି ଯାଉଥିବା ଲୋକକଲା ଆଉ ଲୋକସଂସ୍କୃତିକେ ଉଜ୍ଜିବିତ ରଖିବାର୍‌ଥି ସାହାଜ୍ କର୍‌ବା ବଲି ସେ କହିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ଯୁବ ପ୍ରତିଭାଙ୍କୁ ସମ୍ମାନିତ୍ କରାଯାଇଥିଲା ।

ବୌଦ୍ଧ ମହୋତ୍ସବ ପ୍ରସ୍ତୁତି ବୌଦ୍ଧ

ବୌଦ୍ଧ କଚ୍‌ରୀ ପଡ଼ିଆ ନ ଆଏବା ଜାନୁଆରୀ ମାସ ୨ ତାରିଖ୍‌ନୁ ୫ ଦିନିଆ ବୌଦ୍ଧ ମହୋତ୍ସବ୍ ହେବା । ଇ ଅବ୍‌ସରେ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସଭାପତିତ୍ୱଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ମହୋତ୍ସବ୍‌କେ ସୁରୁଖୁରୁଥି ପରିଚାଳନା କର୍‌ବାର୍ ଲାଗି ଭିନ୍ ଭିନ୍ କମିଟି ଗଠନ୍ କରାଯିବା । ମହୋତ୍ସବ୍ ସମିଆଥି ଫି' ଦିନ ଜିଲ୍ଲା ଆଉ ରାଜ୍ୟ ବାହାରର୍ କଲାକାର୍‌ମାନ୍‌କର୍ ତର୍‌ଫୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯିବା ।

ସୁବର୍ଣ୍ଣପୁର-ଧାନ୍ ଫସଲ୍ ନଷ୍ଟ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ଆଉ ବୀର୍ମହାରାଜ୍ପୁର୍ ବନାଂଚଲ୍ର ଜଙ୍ଗଲ୍ ପାଖର୍ କେତେ ଗାଁ ନ ପାଖାପାଖି ୨୦ ନୁ ୨୫ ଘର୍ ହାତୀ ୨ଦଲ୍ ହେଇକରି ଧାନ୍ ଫସଲ୍ ନଷ୍ଟ କରୁଥିବାର୍ ଅଭିଯୋଗ୍ ହେଉଛେ । ଉଲୁଣ୍ଡା ବ୍ଲକ୍ ନ ଜାଏଲୋକ, କୋଟ୍ସମଲେଇ, ଜଉଁରାଭଉଁରା, ଏଚ୍. ପତ୍ରାପାଲି, ଖେମାଲୋଏ ପଂଚାୟତ୍ର ହେକ୍ଟର୍ ହେକ୍ଟର୍ ପାଚ୍ଲା ଧାନ୍ ନୁକ୍ସାନ୍ କରୁଛନ୍ । ସେଆଡ଼େ ଜଙ୍ଗଲ୍ ବିଭାଗ୍ ତର୍ଫୁ ହାତୀମାନ୍କେ ଜଙ୍ଗଲ୍ ଆଡ୍କେ ଖେଦ୍ବାର୍ ଲାଗି ଚେରେଷ୍ଟା କରାଯାଉଥିଲେ ଭିଲ୍ ହାତୀମାନେ ଗାଁମୁହାଁ ହଉଛନ୍ । ନୁକ୍ସାନ୍ ହେଉଥିବା ଚାଷୀମାନେ କ୍ଷତିପୂରଣ୍ ଲାଗି ଜିଲ୍ଲା ପ୍ରଶାସନ୍ ପାଖେ ଦାବି କରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ଦକ୍ଷିଣ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ରାଜ୍ୟର୍ କେତେଟା ଜାଗା ନ ଆଏଜ୍ ଭିଲ୍ ବାଦ୍ଲିଆ ପାଗ୍ ଜାରି ରହିଛେ । ଓଡ଼ିଶାର୍ ସମୁଦ୍ରଖଁଡ଼ି ଇଲାକାର୍ କେତେଟା ଜାଗା ନ ସାମାଏନ୍ ବର୍ଷାର୍ ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । କୋହଲା ପାଗ ଆର୍ ବର୍ଷା ଲାଗି ଥଣ୍ଡା ବଢ଼ିଛେ ।